Chapter- 4

# ମଙ୍ଗଳେ ଅଇଲା ଉଷା

## QUESTION BANK

୧. 'ମଙ୍ଗଳେ ଅଇଲା ଉଷା' କବିତାଟି କେଉଁ କାବ୍ୟରୁ ଆସିଅଛି ?

୨. ବାଲ୍ମୀକିଙ୍କ ଆଶ୍ରମକୁ ଉଷା କାହିଁକି ଆସିଥିଲେ ?

୩. ଉଷାରାଣୀ ସୀତାଦେବୀଙ୍କୁ ଉପହାର ଦେବାପାଇଁ କ'ଣ ଆଣିଥିଲେ ?

୪. ଉଷାଙ୍କ ନିର୍ଦ୍ଦେଶରେ କିଏ ସଙ୍ଗୀତ ଗାନ କରିଛି ?

୫. ଉଷାଦେବୀଙ୍କ ନିର୍ଦ୍ଦେଶରେ କିଏ ବୀଣାବାଦନ କରିଛି ?

୬. ସ୍ତବପାଠ ନିମନ୍ତେ ଉଷାଦେବୀ କାହାକୁ ନିର୍ଦ୍ଦେଶ ଦେଇଛନ୍ତି ?

୭. 'କଳିଙ୍ଗ ଅଇଲା ପାଟ ମାଗଧ ବେଶେ' ଏହାର ଅର୍ଥ କ'ଣ ?

୮. କଳିଙ୍ଗ ଲଳିତ ମଧୁର ସ୍ୱରରେ କ'ଣ କହିଲା ?

୯. ଉଷା ସୀତାଙ୍କୁ 'ସତୀରାଜ୍ୟ-ରାଣୀ' ବୋଲି ସମ୍ବୋଧନ କଲେ କାହିଁକି ?

୧୦. ସରସ୍ୱତୀଙ୍କ ବୀଣାଝଙ୍କାର ସହିତ କାହାକୁ ତୁଳନା କରାଯାଇଛି ?

୧୧. କେଉଁଥିରେ ଶ୍ୟାମଳ ବନଭୂମି ପରିପୂର୍ଣ୍ଣ ହୋଇଉଠିଲା ?

୧୨. ଅନୁକମ୍ପା ସୀତାଙ୍କୁ କାହାକୁ ଦର୍ଶନ ଦେଇ ସନ୍ତୁଷ୍ଟ କରିବାକୁ କହିଥିଲେ ?

୧୩. ତମସା କିଏ ?

୧୪. ତମସା କାହିଁକି ଅନାଇ କହିଛି ବୋଲି କବି କହିଛନ୍ତି ?

୧୫. ସୀତାଙ୍କ ହୃଦୟରେ ପ୍ରତିବିମ୍ବିତ ବୀର ରାମମୂର୍ତ୍ତିକୁ କବି କାହା ପରି ବୋଲି କହିଛନ୍ତି ?

୧୬. ସୀତାଙ୍କ ହୃଦୟ ଶୋକଜର୍ଜରିତ ହେବାର କାରଣ କ'ଣ ?

୧୭. ସୀତା ଉଷାଙ୍କର ପଦବନ୍ଦନା କରି କ'ଣ କହିଲେ ?

୧୮. ତମସା ଦେବୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲେ ?

ODM EDUCATIONAL GROUP Changing your Tomorrow

୧୯. କବି କାହାକୁ ତମସାର ମଙ୍ଗଳ ପ୍ରଦୀପ ବୋଲି ବର୍ଣ୍ଣନା କରିଛନ୍ତି ?

୨୦. ଉଷାଙ୍କ ନିର୍ଦ୍ଦେଶରେ ସମୀର କ'ଣ କରିଛି ?

୨୧. ତମସା କେଉଁ ନୟନରେ ସୀତାଙ୍କର ଶୁଭାଗମନକୁ ଚାହିଁ ରହିଥିଲା ?

୨୨. ସୀତାଙ୍କର ଅନ୍ୟନାମ 'ବୈଦେହୀ' ହେବାର କାରଣ କ'ଣ ?

୨୩. କବି ପ୍ରଭାତୀ ତାରାକୁ କ'ଣ ବୋଲି ବର୍ଣ୍ଣନା କରିଛନ୍ତି ?

**ଗୋଟିଏ ପଦରେ ଉତ୍ତର ଦିଅ**

୧. ସତୀ ସୀତାଙ୍କୁ କୋଳରେ ଧରି କିଏ ନିଜକୁ ଭାଗ୍ୟବତୀ ବୋଲି ମନେ କରିଛନ୍ତି ?

୨. ସୀତାଙ୍କୁ ସ୍ୱାଗତ କରିବାପାଇଁ ତମସା ନଦୀ କେଉଁ ତାରାକୁ ମଙ୍ଗଳ ପ୍ରଦୀପ ଭାବରେ ସଜାଇ ରଖିଥିଲେ ?

୩. କେଉଁ କନ୍ୟାର ଆଦର ରୂପକ ବନ୍ୟାରେ ସୀତା ପ୍ଲାବିତ ହୋଇ ଧନ୍ୟା ହୋଇଥିଲେ ?

୪. ମୁନି ମୁଖନିଃସୃତ ବେଦଧ୍ୱନିକୁ କବି କାହା ସହିତ ତୁଳନା କରିଛନ୍ତି ?

୫. ଆଶ୍ରମରେ ମୁନିମାନଙ୍କ କଣ୍ଠନିଃସୃତ ଉଚ୍ଚ ଓଁକାର ଧ୍ୱନି କେଉଁଠି ତୃପ୍ତି ଦେଇଛି ?

୬. ଅନୁକମ୍ପା ସୀତାଙ୍କୁ ଅନ୍ୟ କେଉଁ ନାମରେ ସମ୍ବୋଧନ କରାଯାଇଛି ?

୭. କେଉଁ ଫୁଲ ଉପରେ ପଡ଼ିଥିବା ଶିଶିରବିନ୍ଦୁ ସୂର୍ଯ୍ୟଙ୍କ ଖର ରଶ୍ମିରେ ପ୍ରତିଫଳିତ ହୋଇଥାଏ ?

୮. ଆସନରୁ ଉଠି ଜାନକୀ ପ୍ରଥମେ କାହାର ପୟରରେ ନମସ୍କାର ବା ପ୍ରଣାମ କରିଛନ୍ତି ?

୯. ପ୍ରକୃତିକୁ କବି ଗଙ୍ଗାଧର କିପରି ଉପସ୍ଥାପନ କରିଛନ୍ତି ?

୧୦. ଉଷାଦେବୀ କେଉଁ ସ୍ଥାନରେ ରହି ସୀତାଙ୍କୁ ଡ଼ାକିଥିଲେ ?

୧୧. ବାଲ୍ମୀକିଙ୍କ ଆଶ୍ରମରେ ପ୍ରଭାତ କାଳରେ କବି କେତୋଟି ପକ୍ଷୀଙ୍କର କାକଳି ଶୁଣିପାରିଛନ୍ତି ?

୧୩. ଯୋଗେଶ୍ୱରୀଙ୍କର କେଉଁ ରୂପ କବିଙ୍କ ମନରେ ବିଶ୍ୱାସ ସୃଷ୍ଟି କରିଛି ?

୧୪. ଯୋଗେଶ୍ୱରୀ କ'ଣ ଦୂର କରିବାପାଇଁ ମଧୁର ଭାଷାରେ ସୀତାଙ୍କୁ ଡ଼ାକିଛନ୍ତି ?

୧୫. କାହାକୁ ଦର୍ଶନ ଦେଇ ସନ୍ତୁଷ୍ଟ କରିବାକୁ ଅନୁକମ୍ପା ସୀତାଙ୍କୁ କହିଛନ୍ତି ?

୧୬. ଆସନରୁ ଉଠିବା ସମୟରେ ସୀତାଙ୍କର ଚିତଫଳକ କିପରି ଥିଲା ବୋଲି କବି କଳ୍ପନା କରିଛନ୍ତି ?

୧୭. ଆସନ ତ୍ୟାଗ ସମୟରେ ସତୀ ସୀତାଙ୍କ ଚିତଫଳକରେ କାହାର ମୂହୁର୍ତ୍ତ ଚିତ୍ରିତ ହୋଇଥିଲା ?

୧୮. ତମସା ନିଜକୁ ଭାଗ୍ୟବତୀ ବୋଲି କାହିଁକି ମନେ କରିଛନ୍ତି ?

୧୯. ସତୀ ସୀତା କ'ଣ ପରିହାର କରି ତା' କୂଳକୁ ଆସିଛନ୍ତି ବୋଲି ତମସା କହିଛି ?

୨୦. 'ସୀତାଙ୍କୁ ତମସା ଅଙ୍କରେ' – ଏଠାରେ 'ଅଙ୍କ' ଶବ୍ଦ କେଉଁ ଅର୍ଥରେ ବ୍ୟବହୃତ ?

୨୧. ସତୀ ସୀତା ତମସାକୂଳକୁ ଆସିବେ ବୋଲି କିଏ ଆଶା କରିନଥିଲେ ?

୨୨. 'କଳକଣ୍ଠ' କହିଲେ କାହାକୁ ବୁଝାଏ ?

୨୩. ଜାନକୀ କାହାକୁ ସ୍ମରଣ କରି ଶଯ୍ୟାତ୍ୟାଗ କଲେ ?

୨୪. ସୀତାଙ୍କୁ ନବଜୀବନ ପ୍ରଦାନ କରିବା ନିମନ୍ତେ କିଏ ସ୍ୱର୍ଗରୁ ଧରାବତରଣ କରିଛନ୍ତି ବୋଲି କବି କହିଛନ୍ତି ?

୨୫. କେଉଁ ନାଦ ଗଗନକୁ ଭେଦ କରି ଊର୍ଦ୍ଧ୍ୱକୁ ଗତି କରିଥିଲା ?

୨୬. କିଏ ସୀତାଙ୍କୁ କୋଳରେ ଧରି ସୁଖଲାଭ କରିବାପାଇଁ ଅନାଇ ରହିଛି ବୋଲି ଅନୁକମ୍ପା କହିଛନ୍ତି ?

୨୭. "ଶୁଭ – ସମ୍ପାଦିନୀ ହୁଅ ରଘୁବଂଶିକେ"– କାହାକୁ ଏହି ନିବେଦନ କରାଯାଇଛି ?

୨୮. 'ତମସା ରହିଛି ଅନାଇ

କୋଳକରି ଥରେ ସୁଖ ଲଭିବା ପାଇଁ ।' – ଏହା କିଏ କହିଛନ୍ତି ?

୨୯. କାହାର କୋମଳ ଚରଣ ଦିବ୍ୟ ଜ୍ୟୋତି ଆହରଣ କରେ ?

୩୦. କିଏ ସୀତାଙ୍କ ଆଗମନକୁ ଉତ୍ସୁକ ଭାବରେ ଚାହିଁ ରହିଥିଲା ବୋଲି କବି କହିଛନ୍ତି ?

**ଶୂନ୍ୟସ୍ଥାନ ପୂରଣ କର**

୧. ଜାନକୀ____________________ଙ୍କୁ ସ୍ମରଣ କରି ଶଯ୍ୟାତ୍ୟାଗ କଲେ ।

୨. ଉଷାଦେବୀଙ୍କ ନିର୍ଦ୍ଦେଶରେ ____________________ସଙ୍ଗୀତ ଗାନ କରିଛନ୍ତି ?

୩. ଉଷାଦେବୀଙ୍କ ନିର୍ଦ୍ଦେଶରେ ____________________ ବୀଣାବାଦନ କରିଛନ୍ତି ?

୪. ଉଷାଦେବୀଙ୍କ ନିର୍ଦ୍ଦେଶରେ ____________________ନୃତ୍ୟ ପରିବେଷଣ କରିଛନ୍ତି ।

୫. ____________________ଭାଟ ହୋଇ ସ୍ତବପାଠ ଆରମ୍ଭ କରିଛନ୍ତି ।

୬. ମୁନି-ମୁଖ ବେଦ-ସ୍ୱନ ____________________କୁ ପୂର୍ଣ୍ଣ କଲା ବୋଲି କବିତାରେ କୁହାଯାଇଛି ।

୭. ସୀତାଙ୍କୁ ପାଇ ____________________ନିଜକୁ ଭାଗ୍ୟବତୀ ମନେକରିଥିଲେ ।

୮. କବିଙ୍କ ଦୃଷ୍ଟିରେ ନିର୍ବାସିତା ସୀତାଙ୍କୁ ____________________ସ୍ୱାଗତ କରିଛନ୍ତି ।

୯. କବି ଗଙ୍ଗାଧର ସଂସ୍କୃତ ସାହିତ୍ୟର କାବ୍ୟ ଓ ନାଟକ ଅବଲମ୍ବନରେ ____________________ରଚନା କରିଛନ୍ତି ।

୧୦. ନିର୍ବାସିତା ସତୀ ସୀତା ____________________ଠାରେ ଅବସ୍ଥାନ କରୁଥିଲେ ।

୧୧. ____________________କୁ ଜୀବନ୍ତ ସତାରେ ରୂପାୟିତ କରାଇବାରେ କବି ଗଙ୍ଗାଧର ଅତୁଳନୀୟ ।

୧୨. ଉଷାଙ୍କୁ ଦର୍ଶନ ଦେଇ ସନ୍ତୁଷ୍ଟ କରିବାକୁ ଅନୁକମ୍ପା ____________________ଙ୍କୁ କହିଛନ୍ତି ।

୧୩. ପ୍ରାତଃ କାଳରେ ସୀତାଙ୍କ ନିକଟକୁ ____________________ଆସିଥିଲେ ।

୧୪. କବି ____________________ଙ୍କୁ ବିକଚ-ରାଜୀବ ଦୃଶା ବୋଲି କହିଛନ୍ତି ।

୧୫. ସୀତାଙ୍କୁ ନବଜୀବନ ପ୍ରଦାନ କରିବା ନିମନ୍ତେ ____________________ ସ୍ୱର୍ଗରୁ ଧରାବତରଣ କରିଛନ୍ତି ବୋଲି କବି କହିଛନ୍ତି ।

୧୬. ମୁନିମୁଖ ____________________ଶ୍ୟାମ ବନଭୂମିକୁ ପୂର୍ଣ୍ଣ କଲା ବୋଲି କବି କହିଛନ୍ତି ।

୧୭. ତମସା କୋଳରେ ଧରି ସୁଖଲାଭ କରିବାପାଇଁ ଅନାଇ ରହିଛି ବୋଲି ____________________କହିଛନ୍ତି ।

୧୮. ସତୀ ସୀତାଙ୍କ ହୃଦୟରେ ____________________ଙ୍କର ମୂର୍ତ୍ତି ପ୍ରତିଫଳିତ ହୋଇଥିଲା ।

୧୯. ସତୀ ସୀତା ____________________ଙ୍କୁ ପ୍ରଣାମ କରିଥିଲେ ।

୨୦. ସତୀ ସୀତା ____________________ଙ୍କର ପଦବନ୍ଦନା କରିଥିଲେ ।

**୩. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

(କ) 'ମଙ୍ଗଳେ ଅଇଲା ଉଷା' କବିତାଟି କେଉଁ କାବ୍ୟରୁ ସଂଗୃହୀତ ?

(i)ଇନ୍ଦୁମତୀ (ii)କୀଚକ ବଧ (iii)ତପସ୍ୱିନୀ (iv)ପ୍ରଣୟ ବଲ୍ଲରୀ

ODM EDUCATIONAL GROUP Changing your Tomorrow

(ଖ) ଉକ୍ତ କବିତାଟି 'ତପସ୍ୱିନୀ' କାବ୍ୟର କେଉଁ ସର୍ଗରୁ ସଂଗୃହୀତ ?

(i)ପ୍ରଥମ (ii)ଅଷ୍ଟମ (iii)ଦଶମ (iv)ଚତୁର୍ଥ

(ଗ) ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ କ'ଣ ?

(i)ବିଶେଷ ଦେହଧାରିଣୀ କନ୍ୟା (ii)ବିଦେହର କନ୍ୟା

(iii)ବିଦେଶିନୀ କନ୍ୟା (iv)ଦେହହୀନା କନ୍ୟା

(ଘ) ଉଷାଙ୍କୁ ପ୍ରଶଂସା କରି ସତୀ ସୀତା କେଉଁ ବାକ୍ୟଟି କହିଛନ୍ତି ?

(i)ଉଷା ତିମିର-ବିଧ୍ୱଂସୀ (ii)ଉଷା ଜାନକୀ ଦର୍ଶନ ତୃଷାର୍ତ୍ତ

(iii)ଉଷା ମଙ୍ଗଳ ଆଗମନୀ (iv)ଉଷା ବିକଚ-ରାଜୀବ ଦୃଶା

(ଙ) ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ କିଏ ସ୍ତବପାଠ କରିଛି ?

(i)ଭ୍ରମର (ii)କୁମ୍ଭାଟୁଆ (iii)ସମୀର (iv)କୋଇଲି

(ଚ) ପ୍ରଭାତୀ ତାରା କ'ଣ କରିଥିଲେ ?

(i)ଆଲୋକ ବିକିରଣ (ii)ମଙ୍ଗଳ ପ୍ରଦୀପ

(iii)ଆକାଶର ସୌନ୍ଦର୍ଯ୍ୟ (iv)ପ୍ରଭାତ ଆଗମନ

(ଛ) କିଏ ସୀତାଙ୍କୁ 'ସତୀ-ରାଜ୍ୟ-ରାଣୀ' ବୋଲି ସମ୍ବୋଧନ କରିଛନ୍ତି ?

(i)କଳିଙ୍ଗ (ii)କଳକଣ୍ଠ (iii)ସମୀର (iv)ଭ୍ରମର

(ଜ) କବି କାହାକୁ ଆଶ୍ରମଧାତ୍ରୀ ଭାବରେ ବର୍ଣ୍ଣନା କରିଛନ୍ତି ?

(i)ଅନୁକମ୍ପା (ii)ତମସା (iii)ଉଷାଦେବୀ (iv)ମୁନିକନ୍ୟା

(ଝ) କିଏ ବୀଣାବାଦନ କରିଛନ୍ତି ?

(i)ଭ୍ରମର (ii)ଗନ୍ଧର୍ବ (iii)କୁମ୍ଭାଟୁଆ (iv)ସମୀର

**୪. ସଂକ୍ଷିପ୍ତ ଉତ୍ତର ମୂଳକ ।**

(କ) ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଉଷା କି ବ୍ୟବସ୍ଥାମାନ କରାଇଥିଲେ ?

ODM EDUCATIONAL GROUP Changing your Tomorrow

(ଖ) ଉଷା ସୀତାଙ୍କୁ 'ସତୀ ରାଜ୍ୟ-ରାଣୀ' ବୋଲି ସମ୍ବୋଧନ କଲେ କାହିଁକି ?

(ଗ) ସରସ୍ୱତୀଙ୍କ ବୀଣା ଝଙ୍କାର ସହିତ କାହାକୁ ତୁଳନା କରାଯାଇଛି ?

(ଘ) ଅନୁକମ୍ପା ସୀତାଙ୍କୁ କ'ଣ କହିଲେ ?

(ଙ) ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?

**୫. ସପ୍ରସଙ୍ଗ ସରଳାର୍ଥ ଲେଖ ।**

(କ) ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି

ବିହିଲା କି ସରସ୍ୱତୀ ବୀଣାଝଙ୍କାର ।

(ଖ) ଶୁଭ୍ର ସଉରଭ ରସିକେ

ଶୁଭ ସମ୍ପାଦିନୀ ହୁଅ ରଘୁ ବଂଶିକେ ।

****

ODM EDUCATIONAL GROUP
Changing your Tomorrow